# NATIONAL NEWS BULLETIN (ODIA)
## 14 May - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ବ୍ରିକ୍ସ ବୈଠକ ଅବସରରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କଲେ ବିଭିନ୍ନ ସଦସ୍ୟ ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀ ।
- ତୃତୀୟ ପର୍ଯ୍ୟାୟ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନେଇ ଘୋଷଣା କଲେ ନିର୍ବାଚନ କମିଶନ୍ ।

– ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳ ଏହି ପର୍ଯ୍ୟାୟରେ ସାମିଲ ।

- ପଞ୍ଚରାଷ୍ଟ୍ରୀୟ ଗସ୍ତ ଅବସରରେ ଆସନ୍ତାକାଲି ୟୁ.ଏ.ଇ. ରାଷ୍ଟ୍ରପତିଙ୍କ ସହ ସାକ୍ଷାତ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।
- ଆମେରିକା ରାଷ୍ଟ୍ରପତି ଓ ଚୀନ୍ ପ୍ରତିପକ୍ଷଙ୍କ ମଧ୍ୟରେ ବେଜିଂଠାରେ ସକାରାତ୍ମକ ଆଲୋଚନା ହୋଇଥିବା ନେଇ ହ୍ୱାଇଟ୍ ହାଉସ୍‌ର ସୂଚନା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ କିଙ୍ଗସ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ମୁମ୍ବାଇ ଇଣ୍ଡିଆନ୍ସ ।

## ବ୍ରିକ୍ସ-ଏଫ୍ଏମ୍ ମିଟିଂ

ନୂଆଦିଲ୍ଲୀରେ ଚାଲିଥିବା ବ୍ରିକ୍ସ ବୈଦେଶିକ ମନ୍ତ୍ରୀ ସ୍ତରୀୟ ବୈଠକ ଅବସରରେ କେତେକ ସଦସ୍ୟ ରାଷ୍ଟ୍ରର ବୈଦେଶିକ ମନ୍ତ୍ରୀ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ସେମାନଙ୍କ ମଧ୍ୟରେ ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭ୍‌ରୋଭ୍, ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବ୍‌ବାସ୍ ଅର୍ଘାଚୀ, ଦକ୍ଷିଣ ଆଫ୍ରିକାର ବୈଦେଶିକ ମନ୍ତ୍ରୀ ରୋନାଲ୍ଡ ଲାମୋଲା ଏବଂ ବ୍ରାଜିଲର ବୈଦେଶିକ ମନ୍ତ୍ରୀ ମାଉରୋ ଭିଏରା ଆଦି ଅନ୍ତର୍ଭୁକ୍ତ ।

ବ୍ରିକ୍ସ ବୈଠକରେ ପ୍ରାରମ୍ଭିକ ବକ୍ତବ୍ୟ ରଖି ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଶାନ୍ତି ଏବଂ ସୁରକ୍ଷା ହେଉଛି ବୈଶ୍ୱିକ ବ୍ୟବସ୍ଥାର କେନ୍ଦ୍ର ବିନ୍ଦୁ । ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସାମ୍ପ୍ରତିକ ବୈଶ୍ୱିକ ସଂଘର୍ଷ ଜନିତ ପରିସ୍ଥିତିକୁ ପ୍ରତିହତ କରାଯାଇ ପାରିବ ବୋଲି ସେ କହିଛନ୍ତି । ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ସୃଷ୍ଟ ଆହ୍ୱାନ, ଆର୍ଥିକ ଅନିଶ୍ଚିତତା ଆଦି ବିଶ୍ୱ ପରିଦୃଶ୍ୟକୁ

ମୁକାବିଲା କରିବାରେ ବ୍ରିକ୍ସ ଏକ ଗଠନ ମୂଳକ ଏବଂ ନିରନ୍ତର ଭୂମିକା ଗ୍ରହଣ କରିବ ବୋଲି ଡକ୍ଟର ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି । ଅଂଶଗ୍ରହଣକାରୀ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଡଃ ଜୟଶଙ୍କର ସହଯୋଗୀତା ଏବଂ ନିରନ୍ତର ଅଙ୍ଗୀକାରବଦ୍ଧତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

ଭାରତର ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକର ଆସନ୍ତାକାଲି ଦ୍ୱିତୀୟ ଦିବସରେ **BRICS@20** ନବସୃଜନ, ସହଯୋଗ ଏବଂ ନିରନ୍ତରତା ସ୍ଥାପନ ଶୀର୍ଷକ ଆଲୋଚନାରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀ ଓ ସହଯୋଗୀ ରାଷ୍ଟ୍ରର ପ୍ରତିନିଧି ମଣ୍ଡଳୀ ଅଂଶଗ୍ରହଣ କରିବେ ।

## ଇସି-ଏସ୍ଆଇଆର୍-ଥ୍ରୀ

ତୃତୀୟ ପର୍ଯ୍ୟାୟ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନେଇ ନିର୍ବାଚନ କମିଶନ୍ ଘୋଷଣା କରିଛନ୍ତି । ଏହି ପର୍ଯ୍ୟାୟରେ ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ର ଶାସିତ ଅଞ୍ଚଳରେ ପର୍ଯ୍ୟାୟ କ୍ରମେ ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକାରି ହେବ । ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାକୁ ମିଶାଇ ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, ହରିଆଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପଞ୍ଜାବ, ସିକ୍କିମ୍, ତ୍ରିପୁରା, ତେଲଙ୍ଗାନା ଏବଂ ଉତ୍ତରାଖଣ୍ଡ ରହିଛି । ଦିଲ୍ଲୀ,

ଚଣ୍ଡିଗଡ଼, ଦାଦ୍ରା ଓ ନଗର ହାବେଲି ଏବଂ ଦାମନ ଓ ଡିଉ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରେ ଏହି ପର୍ଯ୍ୟାୟରେ ଭୋଟର ତାଲିକା ସଂଶୋଧନ କରାଯିବ ।

ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ତୃତୀୟ ପର୍ଯ୍ୟାୟ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ୩ ଲକ୍ଷ ୯୪ ହଜାରରୁ ଅଧିକ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ନିଯୁକ୍ତ ୩ ଲକ୍ଷ ୪୨ ହଜାର ବୁଥ୍ ସ୍ତରୀୟ ଏଜେଣ୍ଟ ସାମିଲ ହେବେ । ଏହି ପର୍ଯ୍ୟାୟରେ ୩୬ କୋଟି ୭୩ ଲକ୍ଷ ଭୋଟରଙ୍କ ପାଖକୁ ଯାଇ ଗଣନା କାର୍ଯ୍ୟ ସମ୍ପନ୍ନ କରାଯିବାକୁ ନିଷ୍ପତ୍ତି ହୋଇଛି ।

ତେବେ ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର ଏବଂ ଲଦାଖ ବ୍ୟତୀତ ଏହି ତୃତୀୟ ପର୍ଯ୍ୟାୟକୁ ମିଶାଇ ଦେଶ ବ୍ୟାପି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା କାର୍ଯ୍ୟ ସମ୍ପନ୍ନ ହେବ । ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ଶେଷ ପରେ ପାଗ ପରିସ୍ଥିତିକୁ ବିଚାରକୁ ନେଇ ଏହି ଦୁଇଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତି ନେଇ କାର୍ଯ୍ୟ ସୂଚୀ ସ୍ଥିର କରାଯିବ ବୋଲି ନିର୍ବାଚନ କମିଶନ୍ କହିଛନ୍ତି । ରାଜନୈତିକ ଦଳଗୁଡ଼ିକର ପୂର୍ଣ୍ଣ ଅଂଶଗ୍ରହଣକୁ ନିଶ୍ଚିତ କରିବା ଲକ୍ଷ୍ୟ ନେଇ କମିଶନଙ୍କ ପକ୍ଷରୁ ସବୁ ଦଳଗୁଡ଼ିକୁ ପ୍ରତ୍ୟେକ ପୁଲିଂ ବୁଥ୍ ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି । ସ୍ୱତନ୍ତ୍ର ଭୋଟର ତାଲିକା

ସଂଶୋଧନ ପ୍ରକ୍ରିୟାର ପ୍ରଥମ ଦୁଇଟି ପର୍ଯ୍ୟାୟରେ ୧୩ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶର ପ୍ରାୟ ୫୯ କୋଟି ଭୋଟରଙ୍କ ଲାଗି ୬ ଲକ୍ଷ ୩୦ ହଜାରରୁ ଅଧିକ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ୯ ଲକ୍ଷ ୨୦ ହଜାରରୁ ଅଧିକ ବୁଥ୍ ସ୍ତରୀୟ ଏଜେଣ୍ଟ ବିଭିନ୍ନ ପର୍ଯ୍ୟାୟରେ ସାମିଲ ହୋଇଥିଲେ ।

## ପିଏମ୍-ୟୁଏଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ପଞ୍ଚରାଷ୍ଟ୍ରୀୟ ଗସ୍ତରେ ଯିବେ । ପ୍ରଥମ ପର୍ଯ୍ୟାୟରେ ସଂଯୁକ୍ତ ଆରବ ଏମିରେଟ୍ସ-ୟୁଏଇକୁ ଗସ୍ତ କରିବେ । ସେଠାରେ ଆସନ୍ତାକାଲି ଶ୍ରୀ ମୋଦୀ ୟୁଏଇ ରାଷ୍ଟ୍ରପତି ସେଖ୍ ମହମ୍ମଦ ବିନ୍ ଜାଏଦ୍ ଆଲ୍ ନାହ୍ୟାନଙ୍କ ସହିତ ସାକ୍ଷାତ୍ ଆଲୋଚନା କରିବେ । ଭାରତ ଓ ୟୁଏଇ ମଧ୍ୟରେ ଶକ୍ତି କ୍ଷେତ୍ରରେ ସହଯୋଗ ସମେତ ବିଭିନ୍ନ ଦ୍ୱିପକ୍ଷୀୟ ପ୍ରସଙ୍ଗ ଏବଂ ବୈଶ୍ୱିକ ସ୍ୱାର୍ଥଜଡ଼ିତ ଆଞ୍ଚଳିକ ଓ ଆନ୍ତର୍ଜାତିକ ସମସ୍ୟା ସମ୍ପର୍କରେ ଉଭୟ ନେତା ମତ ବିନିମୟ କରିବେ ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ସେହିଦିନ ନେଦରଲାଣ୍ଡ୍ସରେ ଗସ୍ତ କରିବେ । ସେଠାରେ ରାଜା ଓ୍ୱିଲେମ୍ ଆଲେକଜାଣ୍ଡର ଏବଂ ରାଣୀ ମାକ୍ସିମାଙ୍କୁ ଭେଟିବା ସହ ପ୍ରଧାନମନ୍ତ୍ରୀ ରବ୍ ଜେଟେନ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ତୃତୀୟ ପର୍ଯ୍ୟାୟରେ ଶ୍ରୀ ମୋଦୀ ରବିବାର ଦିନ ସ୍ୱିଡେନ୍‌ର ଗୋଥେନ୍‌ବର୍ଗ ଗସ୍ତ କରିବେ। ତାଙ୍କର ସ୍ୱିଡେନ୍ ପ୍ରତିପକ୍ଷ ଉଲଫ୍ କ୍ରିଷ୍ଟରସନ୍‌ଙ୍କ ସହ ଆଲୋଚନା କରି ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗଗୁଡ଼ିକର ସେ ସମୀକ୍ଷା କରିବେ।

ଚତୁର୍ଥ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ସୋମବାର ଦିନ ତୃତୀୟ ଭାରତ–ନୋର୍ଡିକ୍ ଶିଖର ସମ୍ମିଳନୀ ଏବଂ ଦ୍ୱିପାକ୍ଷିକ ଆଲୋଚନା ପାଇଁ ନରୱେରେ ପହଞ୍ଚିବେ।

ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଦିନ ଇଟାଲୀ ଯିବାର କାର୍ଯ୍ୟସୂଚୀ ରହିଛି।

## ଟ୍ରମ୍ପ୍-ଚାଇନା ଭିଜିଟ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ତାଙ୍କ ଚୀନ୍ ପ୍ରତିପକ୍ଷ ସି ଜିନ୍‌ପିଙ୍ଗ୍ ଆଜି ଚୀନ୍‌ର ବେଜିଂ ଠାରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ଆଞ୍ଚଳିକ ସୁରକ୍ଷା କ୍ଷେତ୍ରରେ ଆହ୍ୱାନ ସତ୍ତ୍ୱେ ଦ୍ୱିପାକ୍ଷିକ ତଥା ବୈଶ୍ୱିକ ସହଯୋଗୀତା ନେଇ ଉଭୟ ନେତା ଗୁରୁତ୍ୱାରୋପ କରିଥିବା ଜଣାପଡ଼ିଛି । ଶ୍ରୀ ଟ୍ରମ୍ପ୍‌ଙ୍କ ଦ୍ୱିତୀୟ ରାଷ୍ଟ୍ରପତିତ୍ୱ ଅବସରରେ ଏହା ହେଉଛି ପ୍ରଥମ ଚୀନ୍ ଗସ୍ତ ।

ହ୍ୱାଇଟ୍ ହାଉସ୍ ଦେଇଥିବା ସୂଚନା ଅନୁଯାୟୀ ହର୍ମୁଜ୍ ପ୍ରଣାଳୀକୁ ଉନ୍ମୁକ୍ତ ରଖିବା ପାଇଁ ଉଭୟ ପକ୍ଷ ସହମତ ହୋଇଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ସକାରାତ୍ମକ ଥିବା ହ୍ୱାଇଟ୍‌ହାଉସ୍ କହିଛି । ବୈଠକ ପରେ ସମାବେଶକୁ ସମ୍ବୋଧନ କରି ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ କହିଛନ୍ତି, ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତି ନେଇ ସୃଷ୍ଟ ଆହ୍ୱାନର ମୁକାବିଲା ଦିଗରେ ସହଯୋଗ ବୃଦ୍ଧି ଉପରେ ଉଭୟ ନେତା ଗୁରୁତ୍ୱ ପ୍ରଦାନ କରିଛନ୍ତି । ଚୀନ୍ ଏବଂ ଆମେରିକାକୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିଚାର ନ କରି ଅଂଶିଦାର ଭାବେ ଗ୍ରହଣ କରାଯିବା  ଉଚିତ୍ ବୋଲି ସେ କହିଛନ୍ତି । ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ପୂର୍ବ ଅପେକ୍ଷା ଅଧିକ ସୁଦୃଢ଼ ହେବ । ଚୀନ୍ ସହିତ ବାଣିଜ୍ୟ ଏବଂ ନିବେଶ କ୍ଷେତ୍ର ବୃଦ୍ଧି କରିବାକୁ ଆମେରିକା ଆଗ୍ରହୀ ବୋଲି ସେ କହିଛନ୍ତି ।

ଇରାନ୍ ସଂଘର୍ଷ ପରିସ୍ଥିତି ଏବଂ ୱାଶିଂଟନ୍ ସହ ବୃଦ୍ଧି ପାଉଥିବା ରାଜନୈତିକ ଚାପର ପୃଷ୍ଠଭୂମିରେ ଚୀନ୍‌କୁ ଆମେରିକା ରାଷ୍ଟ୍ରପତିଙ୍କ ଏହି ତିନି ଦିନିଆ ଗସ୍ତ ଗୁରୁତ୍ୱ ବହନ କରୁଛି । ଶ୍ରୀ ଟ୍ରମ୍ପ୍‌ଙ୍କ ସହ ସେଠାକାର ପ୍ରମୁଖ ବ୍ୟବସାୟୀକ ନେତୃମଣ୍ଡଳୀ ଚୀନ୍ ଗସ୍ତରେ ଯାଇଛନ୍ତି ।

ଶ୍ରୀ ଟ୍ରମ୍ପ୍‌ଙ୍କ ଗସ୍ତ ପୂର୍ବରୁ ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବ୍‌ବାସ ଅର୍ଘାଚୀ ତାଙ୍କର ପ୍ରଥମ ବେଜିଂ ଗସ୍ତ ଅବସରରେ ଚୀନ୍ ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ସହ ଆଲୋଚନା କରିଥିଲେ ।

# ଶିବରାଜ-ମିଟିଂ

ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଦେଇଥିବା ଆହ୍ୱାନ ପରିପ୍ରେକ୍ଷୀରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ କୃଷି ଓ ଗ୍ରାମୀଣ ବିକାଶ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଅନୁଯାୟୀ ମନ୍ତ୍ରୀ ସ୍ତରରେ ଗୋଟିଏ ବର୍ଷ ପର୍ଯ୍ୟନ୍ତ ସୁନା କ୍ରୟ ନ କରିବାକୁ ନିଷ୍ପତ୍ତି କରାଯାଇଛି । ସାର୍ବଜନୀନ ଏବଂ ଜାତୀୟ ସ୍ୱାର୍ଥ ଆଧାରିତ ବିଦେଶ ଗସ୍ତ ବ୍ୟତୀତ ଅନ୍ୟ କୌଣସି ବିଦେଶ ଗସ୍ତ କରାଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମନ୍ତ୍ରୀ ଶ୍ରୀ ଚୌହାନ ସୂଚନା ଦେଇଛନ୍ତି ।

ସାର୍ବଜନୀନ ପରିବହନକୁ ବ୍ୟବହାର କରିବା ଲାଗି ବିଭାଗୀୟ କର୍ମଚାରୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି ବୋଲି ଶ୍ରୀ ଚୌହାନ କହିଛନ୍ତି । କୃଷି ମନ୍ତ୍ରଣାଳୟ ପକ୍ଷରୁ ଦେଶ ବ୍ୟାପି ସନ୍ତୁଳିତ ସାର ବ୍ୟବହାର ନେଇ ଚାଷୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏକ ଅଭିଯାନ ଆରମ୍ଭ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଚୌହାନ ସୂଚନା ଦେଇଛନ୍ତି ।

# ଇଣ୍ଟର-ମିନିଷ୍ଟ୍ରିଆଲ୍-ବ୍ରିଫିଂ

ଦେଶରେ ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତୈଳ, ଏଲ୍.ପି.ଜି. ଏବଂ ପ୍ରାକୃତିକ ଗ୍ୟାସ୍ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ଢଙ୍ଗରେ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସରକାର କହିଛନ୍ତି । ନୂଆଦିଲ୍ଲୀରେ ପଶ୍ଚିମ ଏସିଆ ସାମ୍ପ୍ରତିକ ପରିସ୍ଥିତି ନେଇ ଅନୁଷ୍ଠିତ ଆନ୍ତଃ ମନ୍ତ୍ରଣାଳୟ ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧନ କରି ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏହା କହିଛନ୍ତି । ଘରୋଇ ଏଲ୍.ପି.ଜି. ଯୋଗାଣ ନିରନ୍ତର ଜାରି ରହିଥିବା ସେ ସୂଚନା ଦେଇଛନ୍ତି । ଯୋଗାଣ ଶୃଙ୍ଖଳ ପ୍ରତିବନ୍ଧକକୁ ହ୍ରାସ କରିବା ଲକ୍ଷ୍ୟ ନେଇ ବାଣିଜ୍ୟିକ ଏଲ୍.ପି.ଜି. ଯୋଗାଣ ପ୍ରାୟ ୭୦ ପ୍ରତିଶତରେ ପହଞ୍ଚିଥିବା ସେ କହିଛନ୍ତି । ୭ ଲକ୍ଷ ୫୦ ହଜାର ନୂତନ ଗ୍ରାହକ ପି.ଏନ୍.ଜି. ସଂଯୋଗ ପାଇଁ ପଞ୍ଜିକରଣ କରିଛନ୍ତି । ଶ୍ରୀମତୀ ଶର୍ମା କହିଛନ୍ତି, ଗତ ପହିଲାରୁ ଏ ପର୍ଯ୍ୟନ୍ତ ପ୍ରାୟ ୮୩ ହଜାର ୫୦୦ ଟନ୍ ବାଣିଜ୍ୟିକ ଏଲ୍.ପି.ଜି. ବିକ୍ରି ହୋଇସାରିଛି ।

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ସଚିବ ମୁକେଶ ମଙ୍ଗଲ କହିଛନ୍ତି, ୯୦ ହଜାର ମେଟ୍ରିକ୍ ଟନ୍‌ରୁ ଅଧିକ ଏଲ୍.ପି.ଜି. ବହନକାରୀ ଦୁଇଟି ଜାହାଜ ଗତକାଲି ରାତିରେ ହର୍ମୁଜ୍ ପ୍ରଣାଳୀ ପାର୍ କରିଛି । ଆସନ୍ତା ୧୬ ତାରିଖରେ ଜାହାଜ ଦୁଇଟି ଭାରତରେ ପହଞ୍ଚିବାର ଆଶା

କରାଯାଉଛି । ସୋମାଲିଆରୁ ସାର୍ଜା ଅଭିମୁଖେ ଯାତ୍ରା କରୁଥିବା ଭାରତୀୟ ବାଣିଜ୍ୟ ଜାହାଜ ଏମ୍.ଏସ୍.ଭି. ହାଜିଅଲି ଗତକାଲି ଭୋର୍ ସମୟରେ ଓମାନ ଜଳସୀମାରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଜାହାଜଟିରେ ନିଆଁ ଲାଗିଯିବା ସହ ସମ୍ପୂର୍ଣ୍ଣ ବୁଡ଼ିଯାଇଥିବା ଜଣାଯାଇଛି । ତେବେ ଓମାନ ତଟରକ୍ଷୀ ବାହିନୀ ଦ୍ୱାରା ଜାହାଜର ସମସ୍ତ ୧୪ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ସେ ସୂଚନା ଦେଇଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ ପଞ୍ଜାବ କିଙ୍ଗସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବ । ଧର୍ମଶାଳା ସ୍ଥିତ ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।